# ତହସିଲଦାର ଙ୍କ କାର୍ଯ୍ୟାଳୟ, ବରୀ

Email: - tdrbari@gmail.com

**ଲଘୁଖଣିଜ ଦ୍ରବ୍ୟ ନିମନ୍ତେ ନିଲାମ ଇସ୍ତାହାର**

ସଂଖ୍ୟା ୪୩୨୬ ତଉଜି/ତା ୧୧.୧୦.୨୦୨୨

ଏତଦ୍ୱାରା ସର୍ବସାଧାରଣ ଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି କି, ଓଡିଶା ସରକାରଙ୍କ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ଅଧିନସ୍ଥ **"ବରୀ ତହସିଲ"** ଅନ୍ତର୍ଗତ **ମୌଜା - ଏରଡା ଠାରେ IWAI, Bhubaneswar** ଙ୍କ ଦ୍ୱାରା **ଗଛିତ ୧୮,୫୬୨.୩୯ CUM "ବାଲି" ଲଘୁ ଖଣିଜ** କୁ ନିଲାମ ଦେବା ନିମନ୍ତେ ଦରଖାସ୍ତ ଆହ୍ୱାନ କରାଯାଉ ଅଛି । ଇଚ୍ଛୁକ ବ୍ୟକ୍ତି ନିମ୍ନଲିଖିତ ଆବଶ୍ୟକୀୟ କାଗଜାତ / ଦସ୍ତାବିଜ ସଂଲଗ୍ନ କରି ଏକ ଲଫାପା ଉପରେ ସ୍ପଷ୍ଟ ଭାବରେ ଆବେଦନ କାରୀଙ୍କ ନାମ ଓ ଠିକଣା ଉଲ୍ଲେଖ ଥାଇ ତା୧୧.୧୦.୨୦୨୨ ରିଖ ପୂର୍ବାହ୍ନ ୧୧ଘଟିକା ଠାରୁ ତା୨୯.୧୦.୨୦୨୨ ରିଖ ଅପରାହ୍ନ ଘ୫.୦୦ଟିକା ମଧରେ ତହସିଲ କାର୍ଯ୍ୟାଳୟରେ ଥିବା ଟେଣ୍ଡର ବାକ୍ସ (Tender Drop Box) ରେ କାର୍ଯ୍ୟଦିବସ ସମୟରେ (ଛୁଟିଦିନ ବ୍ୟତିତ) ପକାଇପାରିବେ ଅଥବା ସ୍ପିଡ଼ ପୋଷ୍ଟ / କୋରିଅର ମାଧମରେ ମଧ ପଠାଇପାରିବେ । ଦରଖାସ୍ତ ଗୁଡିକ ନିର୍ଧାରିତ ସମୟ ପରେ ହସ୍ତଗତ ହେଲେ କିମ୍ବା ଅସମ୍ପୁର୍ଣ୍ଣ କାଗଜାତ କୁ ବିଚାର / ଗ୍ରହଣ କରାଯିବ ନାହିଁ । ଡାକ / ଦୈବିଦୁର୍ବିପାକ ଜନିତ ବିଳମ୍ବ ନିମନ୍ତେ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ । ଜଣେ ବ୍ୟକ୍ତି ଗୋଟିଏ ଆବେଦନ ଫର୍ମ ଦାଖଲ କରିପାରିବେ । ଜିଲ୍ଲାପାଳ, ଯାଜପୁର ଙ୍କ ୱେବସାଇଟ www.jajpur.nic.in ର ଟେଣ୍ଡର ଲିଙ୍କ ମାଧମରେ ସୂଚନା ପାଇପାରିବେ । ପୁନଶ୍ଚ ବରୀ ତହସିଲ କାର୍ଯ୍ୟାଳୟ ରେ ପୁର୍ବାହ୍ନ ୧୧.୦୦ ଘଟିକା ଠାରୁ ଅପରାହ୍ନ ୧ଘଟିକା ମଧରେ (ଛୁଟିଦିନ ବ୍ୟତିତ) ଉପରୋକ୍ତ ଧାର୍ଯ୍ୟ ତାରିଖରେ ଏହି ବିଷୟରେ ସୂଚନା ପାଇପାରିବେ । ଉପଜିଲ୍ଲାପାଳ, ଯାଜପୁର ଙ୍କ ଆଦେଶ କ୍ରମେ ଉକ୍ତ ବାଲି ନିଲାମ ର ସର୍ବନିମ୍ନ ଧାର୍ଯ୍ୟ ମୂଲ୍ୟ ମୂଲ୍ୟ ଟ୮୦.୦୦ଙ୍କା (ଅଶୀ ଟଙ୍କା) ମାତ୍ର ରଖାଯାଇଅଛି ।

**<u>ନିଲାମର ସ୍ଥାନ ଓ ଧାର୍ଯ୍ୟ ତାରିଖ ଓ ସମୟ :</u>**

**ତହସିଲଦାର, ବରୀ** ଙ୍କ କାର୍ଯ୍ୟାଳୟ ରେ ଆସନ୍ତା ତା.୩୧.୧୦.୨୦୨୨ ରିଖ ପୂର୍ବାହ୍ନ ୧୧.୩୦ ଘଟିକା ସମୟରେ ନିଲାମ ନିମନ୍ତେ ଆସିଥିବା ଆବେଦନ ପତ୍ର ଗୁଡିକୁ ଆବେଦନ କାରୀ କିମ୍ବା ତାଙ୍କ କ୍ଷମତାପ୍ରାପ୍ତ ପ୍ରତିନିଧି ଙ୍କ ଉପସ୍ଥିତିରେ ଯାଂଚ ପ୍ରକ୍ରିୟା ଏବଂ ତତ୍‌ସଂଲଗ୍ନ ସମସ୍ତ କାର୍ଯ୍ୟ ସମାପନ କରାଯାଇ ଆଦେଶ ପ୍ରଦାନ କରାଯିବ ।

**<u>ଦରଖାସ୍ତ ସହ ଦାଖଲ କରିବାକୁ ଥିବା କାଗଜାତ / ଦସ୍ତାବିଜ ର ନାମ :-</u>**

1) ଦରଖାସ୍ତ ପାଉଣା ବାବଦ **ଟ୧,୦୦୦.୦୦ଙ୍କା** (ଏକହଜାର ଟଙ୍କା) ମାତ୍ର (ଅଣଫେରସ୍ତ ଯୋଗ୍ୟ) ଟ୍ରେଜେରୀ ଚାଲାଣ / ବ୍ୟାଙ୍କ ଡ୍ରାଫ୍ଟ / ଅତ୍ର କାର୍ଯ୍ୟାଳୟ ର ନାଜିର ଙ୍କ ନିକଟରେ ନଗଦ ଅର୍ଥ ରାଶି ଜମା କରି ପାରିବେ ଏବଂ ଦାଖଲ କରିଥିବା ଟ୍ରେଜେରୀ ଚାଲାଣ / ବ୍ୟାଙ୍କ ଡ୍ରାଫ୍ଟ / ରସିଦ ର ମୂଳ କପି (original) ଆବେଦନ ପତ୍ର ସହ ସଂଲଗ୍ନ କରିବେ, ଅନ୍ୟଥା ଦରଖାସ୍ତ ବିଚାର ନିମନ୍ତେ ଗ୍ରହଣ କରାଯିବ ନାହିଁ । ବ୍ୟାଙ୍କ ଡ୍ରାଫ୍ଟ "Tahasildar, Bari, payable at UCo Bank, Dharmasala ଙ୍କ ନାମରେ ପ୍ରସ୍ତୁତ ଏବଂ ଟ୍ରେଜେରୀ ଚାଲାଣ Head of Account no 0853-Non ferrous

Mining Metallurgical Industries-102-mineral concession fees rent & royalties ରେ ଦାଖଲ କରାଯିବ ।

2) ଆବେଦନକାରୀ ମୋଟ ଗଚ୍ଛିତ ବାଲି ର ପରିମାଣ ଅନୁସାରେ ରୟାଲିଟି (Royalty) ଓ ଅତିରିକ୍ତ ଦେୟ (Additional Charges) ର ମୋଟ ର ୫% ଅର୍ଜିତ ରାଶି (EMD) ଦରଖାସ୍ତ ସହ ଦାଖଲ କରିବେ । ଉକ୍ତ ଅର୍ଜିତ ରାଶି (EMD), ବ୍ୟାଙ୍କ ଡ୍ରାଫ୍ଟ / ଅତ୍ର କାର୍ଯ୍ୟାଳୟ ର ନାଜିର ଙ୍କ ପାଖରେ ନଗଦ ଆକାରରେ ପୈଠ କରିପାରିବେ ଏବଂ ହାସଲ କରିଥିବା ବ୍ୟାଙ୍କ ଡ୍ରାଫ୍ଟ / ରସିଦ ର ମୂଳ କପି (original) ଆବେଦନ ପତ୍ର ସହ ସଂଲଗ୍ନ କରିବେ, ଅନ୍ୟଥା ଦରଖାସ୍ତ ବିଚାର ନିମନ୍ତେ ଗ୍ରହଣ କରାଯିବ ନାହିଁ ।

3) ଚଳିତ ଆର୍ଥିକ ବର୍ଷ ସହ ବିଗତ ବର୍ଷ ର ଆୟକର ରିଟର୍ଣ୍ଣ ସମ୍ବନ୍ଧୀୟ ଦସ୍ତାବିଜ ର ନକଲ ଦାଖଲ କରିବେ ।

4) ନିଜର ପ୍ରମାଣ ସ୍ୱରୂପ PAN CARD / ଆଧାର ପରିଚୟ ପତ୍ର / ଭୋଟ ପରିଚୟ ପତ୍ର ନିଜଦ୍ୱାରା ଅନୁମୋଦିତ (self attested) କରାଯାଇ ଯୋଗାଯୋଗ ନିମନ୍ତେ ଦୂରଭାଷ (Mobile) ନମ୍ବର ଦାଖଲ କରିବେ ।

5) ଆବେଦନକାରୀ ଧାର୍ଯ୍ୟ ଅତିରିକ୍ତ ଦେୟ (ଟ୪୫.୦୦) ଉପରେ ନିଲାମର ମୂଲ୍ୟ (offered price) ପକାଇବେ ଏବଂ ପରେ ଏହି ମୂଲ୍ୟ (offered price) ସହ ଧାର୍ଯ୍ୟ ରୟାଲିଟି (ଟ୩୫.୦୦) ଯୋଗକରାଯାଇ **ଚୂଡାନ୍ତ ମୂଲ୍ୟ (final offered price) ହିସାବ କରାଯାଇ ଅନୁମୋଦନ କରାଯିବ ।**

6) ଟେଣ୍ଡର ଖୋଲାଯିବା ର ସାତ (୭) ମଧ୍ୟରେ ସଫଳ ଆବେଦନକାରୀ ଧାର୍ଯ୍ୟ ଖଣିଜ ଦ୍ରବ୍ୟ ଉତ୍ତୋଳନ ପରିମାଣ ଉପରେ ଅନୁମୋଦିତ ମୂଲ୍ୟ (final offered price) ହିସାବ ସହ ସମସ୍ତ ଦେୟ ର ଏକ ଚତୁର୍ଥାଂଶ (୧/୪) ଅନୁପାତ ରେ ଟଙ୍କା **ଅମାନତ ରାଶି (Security money) ଆକାରରେ ରଖାଯିବ**, ଯାହାକି ସମୟ ସୀମା ସମାପ୍ତ ପରେ ଉକ୍ତ ଅମାନତ ରାଶି କୁ ବିନାସୁଧରେ ଫେରସ୍ତ କରାଯିବ ଏବଂ ଅନ୍ୟାନ୍ୟ ସମସ୍ତ ଦେୟ 07 ଦିନ ମଧ୍ୟରେ ଦାଖଲ କରି କାଗଜାତ ପ୍ରସ୍ତୁତ କରିବେ, ଅନ୍ୟଥା ଦାଖଲ କରିଥିବା ଅର୍ଥ ରାଶି ଫେରସ୍ତ ନ କରାଯାଇ ବାଜ୍ୟାପ୍ତି କରାଯିବା ସହ ଆଇନାନୁଯାୟୀ ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ।

**ବିଶେଷ ସର୍ତ୍ତାବଳୀ ;**

1. ଆବେଦନକାରୀ ୧) ଓଡିଶା ଲଘୁ ଖଣୀଜ ଦ୍ରବ୍ୟ ରିହାତି ଆଇନ ୨୦୧୬ (OMMC Rule-2016) ୨) ଓଡିଶା ଲଘୁ ଖଣିଜ ଦ୍ରବ୍ୟ ରିହାତି (ସଂଶୋଧିତ) ନିୟମାବଳୀ ୨୦୧୭ ଓ ୨୦୧୮ (OMMC Amendment Rule-2017 & 2018) ଏବଂ ୩) ତହସିଲ ହିସାବ ସାରଣୀ (Manual of Tahasil Account) ୪) Explosive Act 1984 ୫) Mines Act 1952 ରେ ବର୍ଣ୍ଣିତ ସମସ୍ତ ନିୟମ ଓ ଏହାର ପରବର୍ତ୍ତୀ ସଂଶୋଧିତ ଆଇନ ର ପରିସର ଭୁକ୍ତ ରହିବେ । ଆବେଦନକାରୀ / ଲିଜଧାରୀ କୌଣସି ନିୟମ ଖିଲାପ କଲେ ଆଇନାନୁଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ସହିତ ଆଇନ ସଂପର୍କ ରେ ଅନଭିଂଜ୍ଞ ଥିବାର କୌଣସି ଯୁକ୍ତି / ଆବେଦନ ଗ୍ରହଣୀୟ ହେବ ନାହିଁ ।

2. ଯଦି ଦ୍ୱିତୀୟ ସର୍ବୋଚ୍ଚ ଅତିରିକ୍ତ ଦେୟ ମୂଲ୍ୟାଙ୍କ କରିଥିବା ଆବେଦନକାରୀ ଙ୍କ ଦ୍ୱାରା ପ୍ରଦାନ କରାଯାଇଥିବା ଅର୍ଥରାଶି, ପ୍ରଥମ ସର୍ବୋଚ୍ଚ ମୂଲ୍ୟାଙ୍କ କରିଥିବା ଆବେଦନକାରୀ ଙ୍କ ଅର୍ଥରାଶି ଠାରୁ ଅତିକମ୍ (Maximum Difference) ହୋଇଥାଏ ତେବେ ନିଲାମ ପ୍ରକ୍ରିୟା ମଧ୍ୟ ରଦ୍ଦ କରାଯାଇପାରେ ଏବଂ କ୍ଷମତାପ୍ରାପ୍ତ ଅଧୀକାରୀ (Controlling Authority) ଙ୍କ ଅନୁମତି କ୍ରମେ ପୁନଶ୍ଚ ନୂତନ ନିଲାମ ପ୍ରକ୍ରିୟା କରାଯାଇପାରେ ।

3. ଲିଜ ଆବେଦନ କାରୀ ଆବେଦନ କରିବା ପୂର୍ବରୁ ଲଘୁ ଖଣିଜ ଖାଦାନ ଗୁଡିକ ପରିଦର୍ଶନ କରି ପରିଚାଳନା ଏବଂ ଆନୁସଂଗିକ ବ୍ୟବସ୍ଥା ସଂପର୍କରେ ନିଜେ ଅବଗତ ହୋଇ ଆବେଦନ କରିବେ ଅନ୍ୟଥା କୌଣସି ଯୁକ୍ତି / ଆବେଦନ ଗ୍ରହଣୀୟ ହେବ ନାହିଁ । ଆବେଦନ ପରେ ଏଥିପାଇଁ କର୍ତ୍ତୃପକ୍ଷ କୌଣସି ଦାୟୀ ରହିବେ ନାହିଁ ।

4. ନିଲାମ ଦିଆଯାଇଥିବା ଧାର୍ଯ୍ୟ ସମୟ ମଧ୍ୟରେ କୌଣସି ପ୍ରାକୃତିକ ବିପର୍ଯ୍ୟୟ ନିମନ୍ତେ ରାଜସ୍ୱ ଅନୁଦାନ ଦାବୀ କରିବେ ନାହିଁ ।

5. ଯଦି ଏକାଧିକ ଆବେଦନ କାରୀ ସମାନ ମୂଲ୍ୟ ପ୍ରଦାନ କରନ୍ତି ତେବେ ଉକ୍ତ ଆବେଦନ କାରୀ ମାନଙ୍କ ର ଲଟେରୀ ମାଧ୍ୟମରେ ସ୍ଥିର /ଚୟନ କରାଯିବ ଏବଂ କୌଣସି ଅଭିଯୋଗ ଗ୍ରହଣ କରାଯିବ ନାହିଁ ।

6. ଯୋଗ୍ୟ ବିବେଚିତ ଆବେଦନକାରୀ ସୂଚନା ପ୍ରାପ୍ତି ର ୭(ସାତ) ଦିନ ମଧ୍ୟରେ ସର୍ତ୍ତାବଳୀ ର ସମ୍ମତି ପ୍ରଦାନ ସହ ସର୍ବନିମ୍ନ ଧାର୍ଯ୍ୟ ଖଣିଜ ଦ୍ରବ୍ୟ ଉତ୍ତୋଳନ ପରିମାଣ ଉପରେ ଅନୁମୋଦିତ ମୂଲ୍ୟ ହିସାବ ଅନୁସାରେ ଦର୍ଶାଯାଇଥିବା ସମସ୍ତ ଦେୟ ଦାଖଲ କରିବେ ।

7. ଯଦି ସଫଳ ନିଲାମ ଧାରୀ ହିସାବରେ ଲିଜ ପ୍ରସ୍ତାବ କୁ ଅଗ୍ରାହ୍ୟ କରନ୍ତି କିମ୍ବା ସଠିକ ସମୟ ମଧ୍ୟରେ ଅନୁମୋଦିତ ନିଲାମ ମୂଲ୍ୟ ଦାଖଲ ନ କରନ୍ତି, ତେବେ ଉକ୍ତ ଅର୍ଜିତ ରାଶି (EMD) ଫେରସ୍ତ ନ କରାଯାଇ ବାଜ୍ୟାପ୍ତି କରାଯିବ ଏବଂ ଅନ୍ୟ ଅସଫଳ ନିଲାମ ଅଂଶୀଧାରୀ ଙ୍କ ଅର୍ଜିତ ରାଶି (EMD) ସାତ(୭) ଦିନ ପରେ ଫେରସ୍ତ କରାଯିବ ।

8. ଖଣିଜ ଦ୍ରବ୍ୟ ପରିବହନ ସମୟରେ କୌଣସି ଭାରୀଯାନ ବ୍ୟବହାର ଏବଂ କୌଣସି ଗାଡିରେ ଅନୁମୋଦିତ ଠାରୁ ଅଧିକ ଦ୍ରବ୍ୟ ପରିବହନ (over load) କରିପାରିବେ ନାହିଁ । ଏଥିସହିତ ଖଣିଜ ଦ୍ରବ୍ୟ ପରିବହନ ସମୟରେ ଏହାକୁ ସଂମ୍ପୁର୍ଣ୍ଣ ଭାବରେ ଆଛାଦିତ କରି ପରିବହନ କରିବେ ।

9. ସର୍ବୋପରି କ୍ଷମତାପ୍ରାପ୍ତ ରାଜସ୍ୱ ଅଧିକାରୀ, କୌଣସି କାରଣ ନ ଦର୍ଶାଇ ନିଲାମ କୁ ସ୍ଥଗିତ / ରଦ୍ଦ କରିପାରିବେ । ଏହା ବିରୁଦ୍ଧ ରେ କୌଣସି ଯୁକ୍ତି / ଆବେଦନ ଗ୍ରହଣୀୟ ନୁହେଁ ।

ତହସିଲଦାର, ବରୀ

ପରିପତ୍ର ସଂଖ୍ୟା ୪୩୨୩ ତା ୧୧.୧୦.୨୦୨୨

ଏହାର ଏକକିତା ନକଲ ମଣ୍ଡଳ ଉନ୍ନୟନ ଅଧିକାରୀ, ବରୀ / ସମସ୍ତ ରାଜସ୍ୱ ନିରୀକ୍ଷକ, ବରୀ ତହସିଲ / ବରୀ ତହସିଲ ଅନ୍ତର୍ଗତ ସମସ୍ତ ଗ୍ରାମ ପଂଚାୟତ / ଥାନା ଅଧିକାରୀ, ବରୀ-ରାମଚନ୍ଦ୍ରପୁର/ ସହାୟକ ନାଜିର, ବରୀ ତହସିଲ ଙ୍କୁ ଅବଗତି ଓ ବିହିତ ପଦକ୍ଷେପ ନିମନ୍ତେ ପ୍ରେରଣ କରାଯିବା ସହ ଏହାର ବହୁଳ ପ୍ରସାର ନିମନ୍ତେ Notice Board ରେ ପ୍ରଦର୍ଶନ କରିବା ନିମନ୍ତେ ଅନୁରୋଧ କରାଗଲା ।

ତହସିଲଦାର, ବରୀ

ପରିପତ୍ର ସଂଖ୍ୟା ୪୩୨୪ ତା ୧୧.୧୦.୨୦୨୨

ଏହାର ଏକକିତା ନକଲ D.I.O, NIC, Collectorate, Jajpur ଙ୍କୁ ଅବଗତି ଓ ବିହିତ ପଦକ୍ଷେପ ନିମନ୍ତେ ପ୍ରେରଣ କରାଯିବା ସହ ଏହାର ବହୁଳ ପ୍ରସାର ନିମନ୍ତେ District Website ରେ ପ୍ରଦର୍ଶନ କରିବା ନିମନ୍ତେ ଅନୁରୋଧ କରାଗଲା ।

ଏହାର ଏକକିତା ନକଲ Asst Director, IWAI, Bhubaneswar ଙ୍କ ଅବଗତି ଓ ବିହିତ ପଦକ୍ଷେପ ନିମନ୍ତେ ପ୍ରେରଣ କରାଯିବା ସହ ଏହାର ବହୁଳ ପ୍ରସାର ନିମନ୍ତେ IWAI Website ରେ ପ୍ରଦର୍ଶନ କରିବା ନିମନ୍ତେ ଅନୁରୋଧ କରାଗଲା ।

ତହସିଲଦାର, ବରୀ

ପରିପତ୍ର ସଂଖ୍ୟା ୪୩୨୫ ତା ୧୧.୧୦.୨୦୨୨

ଏହାର ଏକକିତା ନକଲ ଅତିରିକ୍ତ ଜିଲ୍ଲାପାଳ(ରାଜସ୍ୱ), ଯାଜପୁର ଏବଂ ଉପଜିଲ୍ଲାପାଳ, ଯାଜପୁର ଙ୍କ ଅବଗତି ଓ ବିହିତ ପଦକ୍ଷେପ ନିମନ୍ତେ ପ୍ରେରଣ କରାଗଲା ।

ତହସିଲଦାର, ବରୀ